# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 09 December – 2025

*********************************

## ମୁଖ୍ୟ ସମ୍ବାଦ

- କଳାକୃତି ମାଧ୍ୟମରେ ବିଭିନ୍ନ ସଂସ୍କୃତି ସହ ମଣିଷ ଜଡିତ ହୋଇଥାଏ, କହିଲେ ରାଷ୍ଟ୍ରପତି

— ୪୮ ଜଣଙ୍କୁ ପ୍ରଦାନ କଲେ ଜାତୀୟ ହସ୍ତଶିଳ୍ପ ପୁରସ୍କାର

- ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ ଶେଷ;

— ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ପାଳନ ହେବ ବର୍ଷବ୍ୟାପୀ କାର୍ଯ୍ୟକ୍ରମ

- ବିଧାନସଭାର ବାଚସ୍ପତି ଏବଂ ସଦସ୍ୟମାନଙ୍କର ଦରମା, ଭତ୍ତା ଏବଂ ପେନସନ୍ ବୃଦ୍ଧି ସମ୍ପର୍କିତ ୪ଟି ବିଲ୍‌କୁ ମିଳିଲା ଗୃହର ଅନୁମୋଦନ

ଏବଂ

- ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆଜି ସନ୍ଧ୍ୟାରେ ଖେଳାଯିବ ସିରିଜ୍‌ର ପ୍ରଥମ ଟି-୨୦ କ୍ରିକେଟ୍ ମ୍ୟାଚ୍

## ରାଷ୍ଟ୍ରପତି-ହ୍ୟାଣ୍ଡିକ୍ରାଫ୍ଟସ ଆୱାର୍ଡସ

ହସ୍ତଶିଳ୍ପ କେବଳ ଏକ ସାଂସ୍କୃତିକ ପରିଚୟ ନୁହେଁ ବରଂ ଲୋକମାନଙ୍କ ଜୀବନଧାରଣାରେ ଏକ ପ୍ରମୁଖ ଅଙ୍ଗ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ନୂଆଦିଲ୍ଲୀରେ ଆଜି କାରିଗରମାନଙ୍କୁ ୨୦୨୩-୨୪ ଆର୍ଥିକବର୍ଷ ଲାଗି ଜାତୀୟ ହସ୍ତଶିଳ୍ପ ପୁରସ୍କାର ପ୍ରଦାନ କରି ରାଷ୍ଟ୍ରପତି କହିଛନ୍ତି, କଳାକୃତି ମାଧ୍ୟମରେ ବିଭିନ୍ନ ସଂସ୍କୃତି ସହ ମଣିଷ ଜଡ଼ିତ ହୋଇଥାଏ ଏବଂ ପରସ୍ପର ମଧ୍ୟରେ ସୁସମ୍ପର୍କ ଗଢ଼ି ଉଠିଥାଏ। ଏହି ପୁରସ୍କାରଗୁଡ଼ିକ ଅତୁଳନୀୟ କଳାତ୍ମକ ଉତ୍କର୍ଷତାକୁ ସ୍ୱୀକୃତି ଦେବା ସହ ଦେଶର ସମୃଦ୍ଧ ଓ ବିବିଧ ହସ୍ତଶିଳ୍ପ ଐତିହ୍ୟର ସଂରକ୍ଷଣ ଓ ପ୍ରୋତ୍ସାହନ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରକାଶ କରୁଛି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୧୨ ଜଣ କଳାକାରଙ୍କୁ ଶିଳ୍ପୀଗୁରୁ ପୁରସ୍କାର ଓ ୩୬ ଜଣଙ୍କୁ ହସ୍ତଶିଳ୍ପ ବର୍ଗରେ ଜାତୀୟ ପୁରସ୍କାର ପ୍ରଦାନ କରିଛନ୍ତି।

## ଶେଷ ହେଲା ବିଧାନସଭା

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ ଧାର୍ଯ୍ୟ ଅବଧି ପୂର୍ବରୁ ଆଜି ଶେଷ ହୋଇଛି। ୨୯ଟି କାର୍ଯ୍ୟଦିବସରୁ ଗୃହ ମାତ୍ର ୧୧ ଦିନ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହକୁ ମୁଲତବୀ ରଖିଛନ୍ତି। ଚଳିତ ଅଧିବେଶନରେ ୧୭ ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଗୃହର ଅନୁମୋଦନ ଲାଭ କରିଛି। ଚଳିତ

ଅଧିବେଶନରେ ଗୃହରେ ବନ୍ଦେ ମାତରମ୍ ଗୀତର ୧୫୦ ବର୍ଷ ପୂର୍ତ୍ତି ରାଜ୍ୟବ୍ୟାପୀ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

## ବିଧାନସଭା

ଶୀତକାଳୀନ ଅଧିବେଶନରେ ଆଜି ପ୍ରଥମାର୍ଦ୍ଧରେ ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ରାଜ୍ୟବ୍ୟାପୀ ଉତ୍ସବ ପାଳନ କରାଯିବା ନେଇ ଗୃହରେ ନିଷ୍ପତ୍ତି ହୋଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏ ସମ୍ପର୍କରେ ଗୃହରେ ଏକ ସଂକଳ୍ପ ଆଗତ କରିଥିଲେ । ସର୍ବସମ୍ମତିକ୍ରମେ ସଂକଳ୍ପକୁ ଗୃହର ଅନୁମୋଦନ ମିଳିଛି । ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସଂକଳ୍ପ ଉପରେ ସେମାନଙ୍କର ଦଳର ଆଭିମୁଖ୍ୟ ଗୃହରେ ରଖିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ବକ୍ତବ୍ୟରେ କହିଥିଲେ, ବନ୍ଦେ ମାତରମ୍ ହେଉଛି ଏକ ପ୍ରେରଣା ଏବଂ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନ ବହନ କରୁଛି । ବନ୍ଦେ ମାତରମ୍ ଗୀତ ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ଏକ ମନ୍ତ୍ର । ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ପରେ ସଂକଳ୍ପ ସର୍ବସମ୍ମତିକ୍ରମେ ଗୃହରେ ଅନୁମୋଦନ ଲାଭ କରିଥିଲା ଏବଂ ପରେ ଏହି ଜାତୀୟ ଗୀତକୁ ପରିବେଷଣ କରାଯାଇଥିଲା ।

## ବିଧାନସଭା-ଦରମା ବୃଦ୍ଧି

ଓଡ଼ିଶା ବାଚସ୍ପତି, ଉପବାଚସ୍ପତି, ମନ୍ତ୍ରୀ ଓ ସଦସ୍ୟଙ୍କ ଦରମା, ଭତ୍ତା ଓ ପେନସନ୍ ବୃଦ୍ଧି ସମ୍ପର୍କିତ ୪ଟି ବିଲ୍ ଆଜି ଗୃହରେ ସର୍ବସମ୍ମତିକ୍ରମେ ପାରିତ ହୋଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଜି ଏହି

ବିଲ୍‌ଗୁଡ଼ିକୁ ଗୃହରେ ଉପସ୍ଥାପନ କରିଥିଲେ। ବିଲ୍‌ଗୁଡ଼ିକ ମଧ୍ୟରେ ରହିଛି, ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ଦରମା, ଭତ୍ତା ଓ ପେନସନ୍ ସଂଶୋଧନ ବିଲ-୨୦୨୫, ଓଡ଼ିଶା ବିଧାସଭା ବାଚସ୍ପତିଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫, ଓଡ଼ିଶା ବିଧାସଭା ଉପବାଚସ୍ପତିଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫ ଏବଂ ଓଡ଼ିଶା ବିଧାନସଭା ମନ୍ତ୍ରୀଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫। ବିଲ୍ ସପକ୍ଷରେ ମତ ରଖି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ, ୨୦୧୭ ମସିହାରେ ଦରମା, ଭତ୍ତା ଏବଂ ପେନସନର ସଂଶୋଧନ କରାଯାଇଥିଲା। ବର୍ତ୍ତମାନର ମୁଦ୍ରାସ୍ଫୀତି ହାର, ଦରମା ଓ ଭତ୍ତାକୁ ଦୃଷ୍ଟିରେ ରଖି ଉପଦେଷ୍ଟା କମିଟିର ସୁପାରିଶ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି।

## ବିଧାନସଭା-ପାନୀୟ ଜଳ

ରାଜ୍ୟରେ ବର୍ତ୍ତମାନସୁଦ୍ଧା ୬୮ ଲକ୍ଷ ୩୬ ହଜାର ପରିବାରକୁ ଟ୍ୟାପ୍ ଯୋଗେ ପାନୀୟ ଜଳ ସଂଯୋଗ ଦିଆଯାଉଛି ବୋଲି ଆଜି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଗୃହରେ କହିଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି,  ଆଗାମୀ ୨୦୨୭ ମସିହା ଶେଷ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଘରକୁ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସମୟସୀମା ସୁଦ୍ଧା ସମସ୍ତ ୨୦୭ଟି ପ୍ରକଳ୍ପ କାମ ଶେଷ କରାଯିବ। ୧୫ ହଜାର ୪୨୦ ଗାଁକୁ ଏକକ ଓ ବହୁମୁଖୀ ପ୍ରକଳ୍ପ ମାଧ୍ୟମରେ ପାନୀୟ

ଜଳ ଯୋଗାଇ ଦିଆଯାଉଛି। ପରିବାର ସହ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ପାନୀୟ ଜଳ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ସରକାର ୬ ହଜାର ୬୪୬ଟି ନୂତନ ନଳକୂପ ଖନନ କରୁଛନ୍ତି। ରାଜ୍ୟରେ ମୋଟ୍ ୫ ଲକ୍ଷ ୨୭ ହଜାର ୬୯୪ଟି ନଳକୂପ କାର୍ଯ୍ୟକ୍ଷମ ଅଛି।

## ଭୁବନେଶ୍ୱର-ଡ୍ରେନ୍ ସମସ୍ୟା

ଭୁବନେଶ୍ୱରରେ ବର୍ଷାଦିନେ ଉପୁଜୁଥିବା ଜଳବନ୍ଦୀ ସମସ୍ୟାକୁ ଦୂର କରିବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଖସଡା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ୨୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟୟ ବରାଦ କରାଯାଇଛି। ୧୧ଟି ପ୍ରାକୃତିକ ଡ୍ରେନ୍‌ରୁ ଜବର ଦଖଲ ଉଚ୍ଛେଦ କରାଯିବ। ଏଥିସହ ଦୁଇଟି ଡ୍ରେନ୍ ନିର୍ମାଣ କରିବାକୁ ବିଭାଗ ପକ୍ଷରୁ ଯୋଜନା ରହିଛି। ଏହି ଡ୍ରେନ୍ ନିର୍ମାଣ ହେବା ଦ୍ୱାରା ୩୦ ପ୍ରତିଶତ ଜଳବନ୍ଦୀ ସମସ୍ୟା ଦୂର ହେବ।

## ବିଧାନସଭା-ଜଙ୍ଗଲଜମି

ରାଜ୍ୟରେ ପ୍ରାୟ ୧୬ ହଜାର ୧୭୮ ହେକ୍ଟର ଜମିକୁ ବର୍ତ୍ତମାନ ସୁଦ୍ଧା ଜବରଦଖଲ ମୁକ୍ତ କରାଯାଇଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମସିଂ ଖୁଣ୍ଟିଆ ଆଜି ଗୃହରେ କହିଛନ୍ତି। ଏହି ସବୁ ଜଙ୍ଗଲ ଜମିକୁ ମୁକ୍ତ କରିବା ପାଇଁ ଜବରଦଖଲକାରୀଙ୍କ ବିରୋଧରେ ୭ ହଜାର ୫୮୦ଟି ମାମଲା ରୁଜୁ କରାଯାଇଛି। ତେବେ ଆଉ ୧୬୬ ହେକ୍ଟର ଜଙ୍ଗଲ ଜମି ଜବରଦଖଲକାରୀଙ୍କ ଅଧୀନରେ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

## ବିଧାନସଭା-ଶିଶୁ ଶ୍ରମିକ

ରାଜ୍ୟରେ ଗତ ୨ ବର୍ଷରେ ଶ୍ରମ ଅଧିକାରୀଙ୍କ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୬୫ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି ବୋଲି ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଆଜି ବିଧାନସଭାରେ କହିଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ସର୍ବାଧିକ ୧୧ ଜଣ ଓ ସୁନ୍ଦରଗଡ଼ରୁ ୯ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଗୃହରେ ପ୍ରକାଶ କରିଛନ୍ତି।

## କାନ୍ତ କବି ଲକ୍ଷ୍ମୀକାନ୍ତ

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଆଜି ରାଜ୍ୟବ୍ୟାପୀ ପାଳନ କରାଯାଉଛି। ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ  ମୋହନ ଚରଣ ମାଝୀ ଦୁଇ ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କର ପ୍ରତ୍ୟେକ କୃତି ଚିରଦିନ ମନେ ରଖିବା ଏବଂ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟର ଗୌରବ ବୃଦ୍ଧି ପାଇଁ ସଂକଳ୍ପ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ କାନ୍ତକବିଙ୍କ ଜନ୍ମପୀଠ ତାଳପଦା ଗ୍ରାମ ସମେତ ବିଭିନ୍ନ ସ୍ଥାନରେ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି।

# ଦୁର୍ନୀତି ନିବାରଣ ଦିବସ

ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି ଏବଂ ଏହାର ମୁକାବିଲା ପାଇଁ ସମ୍ମିଳିତ ପ୍ରୟାସ ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ ପାଳନ କରାଯାଉଛି ।  ଚଳିତବର୍ଷ ବାର୍ତ୍ତା ରହିଛି **'ଦୁର୍ନୀତି ବିରୁଦ୍ଧରେ ଯୁବପିଢ଼ିଙ୍କୁ ଏକତ୍ରିତ କରିବା'**। ୨୦୦୩ ମସିହା ଅକ୍ଟୋବର ମାସ ୩୧ ତାରିଖରେ ସଂଯୁକ୍ତ ରାଷ୍ଟ୍ର ମହାସଭାରେ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରାଯିବା ପରେ ପ୍ରତିବର୍ଷ ଆଜିର ଦିନକୁ ଅନ୍ତର୍ଜାତୀୟ ଦୁର୍ନୀତି ନିବାରଣ ଦିବସ ଭାବେ ପାଳନ କରାଯାଉଛି ।

## ଶାନ୍ତି କମିଟି ବୈଠକ

**ମାଲକାନଗିରି** ଜିଲ୍ଲାର ଏମ୍.ଭି-୨୬ ଓ ରାଖାଲଗୁଡା ଗ୍ରାମ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉଭୟ ଗୋଷ୍ଠୀଙ୍କ ସହ ଆଲୋଚନା ପରେ ସନ୍ଧ୍ୟାରେ ଶାନ୍ତି କମିଟି ବୈଠକ ପାଇଁ ନିଷ୍ପତ୍ତି ନିଆଯାଇଛି। ଅନ୍ୟ ପକ୍ଷରେ ଗ୍ରାମବାସୀମାନେ ମର ଶରୀରକୁ ଗ୍ରହଣ କରି ଶବ ସତ୍କାର କରିଛନ୍ତି। ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଡକ୍ଟର କନଓ୍ୱର ବିଶାଲ ସିଂ, ଜିଲ୍ଲାପାଳ ସୌମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ବିଏନ୍ଏସ୍ ଧାରା ୧୬୩ ଲାଗୁ କରାଯିବା ସହ ଗତକାଲି ସନ୍ଧ୍ୟାରୁ ୨୪ ଘଣ୍ଟା ପର୍ଯ୍ୟନ୍ତ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ କରି ଦିଆଯାଇଛି। ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିୟା, ଏଡିଜି ସଂଜୀବ ପଣ୍ଡା ଓ ଏସ୍ଆଇ ଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର ସିଂ ଗତକାଲି

ସନ୍ଧ୍ୟାରେ ମାଲକାନଗିରିରେ ପହଂଚିବା ପରେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ମୃତକଙ୍କ ପରିବାରବର୍ଗଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ୩୦ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଘୋଷଣା କରାଯାଇଛି। ଏଥିସ ଏମ୍.ଭି.-୨୬ ଗ୍ରାମରେ ଭଙ୍ଗାରୁଜା ଘଟଣାର କ୍ଷୟକ୍ଷତି ଆକଳନ କରାଯାଉଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ବିଡ୍ଲୁଏଫ୍

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆଜିଠାରୁ ଓଡ଼ିଶା ମାଷ୍ଟର୍ସ-୨୦୨୫ ବି.ଡବ୍ଲୁ.ଏଫ୍. ସୁପର୍ ୱାନ୍ ହଣ୍ଡ୍ରେଡ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ୍ ଆରମ୍ଭ ହେଉଛି । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଏବଂ ମହିଳା ବର୍ଗରେ ୧୭ଟି ଦେଶର ୩୭୭ ଜଣ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରୁଛନ୍ତି । ସେଥିମଧ୍ୟରୁ ୩୩୪ ଜଣ ଭାରତୀୟ ଓ ୪୩ ଜଣ ବିଦେଶୀ କ୍ରୀଡାବିତ୍ ରହିଛନ୍ତି। ପ୍ରତିଯୋଗିତା ପୁରୁଷ ସିଙ୍ଗିଲ୍‌ସ୍, ମହିଳା ସିଙ୍ଗିଲ୍‌ସ୍, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସଡ୍ ଡବଲ୍ସ ବର୍ଗରେ ଆୟୋଜିତ ହେବ।

## କ୍ରିକେଟ୍ ଖେଳାଳି-ପୁରୀ

କଟକ ବାରବାଟୀ ଷ୍ଟାଡିୟମରେ ଆଜି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ ଖେଳାଯିବ । ମ୍ୟାଚ୍ ସନ୍ଧ୍ୟା ୭ଟାରୁ ଆରମ୍ଭ ହେବ। ବାରବାଟୀରେ ଏହା ଚତୁର୍ଥ ଅନ୍ତର୍ଜାତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍। ଭାରତ ଓ ଦକ୍ଷିଣ ଆଫ୍ରିକା ତୃତୀୟଥର ପାଇଁ ବାରବାଟୀରେ ମ୍ୟାଚ୍

ଖେଳିବାକୁ ଯାଉଛନ୍ତି। ପାଞ୍ଚ ମ୍ୟାଚ ବିଶିଷ୍ଟ ଏହି ଟି-ଟ୍ୱେଣ୍ଟି ଶୃଙ୍ଖଳାର ପ୍ରଥମ ମ୍ୟାଚ ଦେଖିବା ଲାଗି ୪୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ସହ ୫୦ ପ୍ଲାଟୁନ ଫୋର୍ସ ଓ ୩୦୦ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି।

ମ୍ୟାଚ୍ ପୂର୍ବରୁ ଭାରତୀୟ କ୍ରିକେଟ୍ ଟିମ୍‌ର କୋଚ୍ ଗୌତମ ଗମ୍ଭୀର ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସମେତ କେତେକ ସଦସ୍ୟ ପୁରୀ ଗସ୍ତରେ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। କଡା ସୁରକ୍ଷା ବଳୟ ମଧ୍ୟରେ ସେମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରାଯାଇଥିଲା। ଖେଳାଳିଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ସମ୍ପର୍କରେ ଓସିଏ ମ୍ୟାନେଜିଂ କମିଟି ସଦସ୍ୟ ରବି ପଢ଼ିଆରୀ କହିଛନ୍ତି...

**- V/O - (**ରବି ପଢ଼ିଆରୀ**)**